Rediffusion/Edelman

**Publication:** Prajatantra
**Date:** 05/09/2013
**Edition:** Bhubaneswar
**Page No:** 9
**Headline:** Naidu science college team winners of TCS IT Wiz

# ନାଇଡୁ ସାଇନ୍ସ କଲେଜ୍ ଟିସିଏସ୍ ଆଇଟି ୱିଜ୍-୨୦୧୩ ବିଜେତା

ଭୁବନେଶ୍ୱର: ଭୁବନେଶ୍ୱର ଜୟଦେବ ବିହାର ରୋଡ଼ସ୍ଥିତ ପାଲ୍ ହାଇଟ୍ସରେ ଅନୁଷ୍ଠିତ ଟିସିଏସ୍ ଆଇଟି ୱିଜ୍‌ରେ ବିଭିନ୍ନ ସିଟି ସ୍କୁଲର ପ୍ରାୟ ୧,୧୦୦ରୁ ଅଧିକ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ଦେଶର ପ୍ରମୁଖ ଆଇଟି ସେବା ପ୍ରଦାନକାରୀ ସଂସ୍ଥା ଟାଟା କନ୍‌ସଲଟାନ୍ସି ସର୍ଭିସେସ୍ (ଟିସିଏସ୍) ଦ୍ୱାରା ଆୟୋଜିତ ଟିସିଏସ୍ ଆଇଟି ୱିଜ୍ ହେଉଛି ଭାରତର ସର୍ବବୃହତ୍ ଆନ୍ତଃବିଦ୍ୟାଳୟ ସ୍କୁଲ୍ ଆଇଟି କ୍ୱିଜ୍ କାର୍ଯ୍ୟକ୍ରମ ।

ଭୁବନେଶ୍ୱର ସଂସ୍କରଣ ଆଞ୍ଚଳିକ ଫାଇନାଲରେ ନାଇଡୁ ସାଇନ୍ସ କଲେଜର ପ୍ରଥମେଶ ଦାଶ୍ ଏବଂ ରିଶଭ୍ ଆଦିତ୍ୟ ଶତପଥୀ ସେମାନଙ୍କ ନିକଟ ପ୍ରତିଦ୍ୱନ୍ଦ୍ୱୀଙ୍କୁ ହରାଇ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ବହୁ ଆଇଟି ଜ୍ଞାନଧାରୀ ଛାତ୍ରଛାତ୍ରୀଙ୍କ ସହ ପ୍ରତିଯୋଗିତା ପରେ ସାଇ ଇଣ୍ଟରନ୍ୟାସନାଲ୍ ସ୍କୁଲର ଅଭିଷେକ ସାହୁ ଏବଂ ସମର୍ପିତ ପଣ୍ଡା ରନର୍ସ ଅପ୍ ହୋଇଥିଲେ। ଆଞ୍ଚଳିକ ରାଉଣ୍ଡ ବିଜେତାଙ୍କୁ ପ୍ରତ୍ୟେକ ଗୋଟିଏ ଲେଖାଏଁ ଆଇପ୍ୟାଡ୍ ପ୍ରଦାନ କରାଯାଇଥିବା ବେଳେ ରନର୍ସ ଅପ୍‌କୁ ଗୋଟିଏ ଲେଖାଏଁ ଗାଲାକ୍ସି ଟାବ୍‌ଲେଟ୍ ଦିଆଯାଇଥିଲା। ଉଭୟ ବିଜେତା ମେଗା ଫାଇନାଲରେ ଭୁବନେଶ୍ୱର ପାଇଁ ପ୍ରତିନିଧିତ୍ୱ କରି "ସ୍ମାର୍ଟ ଟେକ୍ ୱିଜାର୍ଡ ୨୦୧୩" ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବେ। ଆଇଟି କମିଶନର ତଥା ସଚିବ ଶ୍ରୀ ମଧୁସୂଦନ ପାଢ଼ୀ ଏବଂ ଆଇଆଇଆଇଟି ନିର୍ଦ୍ଦେଶକ ଡଃ. ଗୋପାଳ କୃଷ୍ଣ ନାୟକଙ୍କ ସମେତ ଟିସିଏସ୍ ଭୁବନେଶ୍ୱର ମୁଖ୍ୟ ଶ୍ରୀ ମନୋଜ ପଣ୍ଡା ବିଜେତା ଓ ରନର୍ସ ଅପ୍ ଟିମ୍‌କୁ ପୁରସ୍କାର ବିତରଣ କରିଥିଲେ । ସେହିଭଳି କ୍ୱିଜ୍ ସମୟରେ ଏକ ଇଣ୍ଟରାକ୍ଟିଭ୍ ଟ୍ୱିଟର କଣ୍ଟେଷ୍ଟ ମଧ୍ୟ ଆୟୋଜିତ ହୋଇଥିଲା। ଆମର ସୋସିଆଲ୍ ମିଡ଼ିଆ ଅଂଶ ସ୍ୱରୂପ ଛାତ୍ରଛାତ୍ରୀମାନେ ଏଥିରେ ରିଅଲ୍ ଟାଇମ୍‌ରେ ଅଂଶଗ୍ରହଣ କରିଥିଲେ। ଆଞ୍ଚଳିକ ଫାଇନାଲରେ ପ୍ରାୟ ୨୭୦୦ଟି ଲାଇଭ୍ ଟ୍ୱିଟ୍ ରେକର୍ଡ କରାଯାଇଥିଲା । ଚଳିତ ବର୍ଷ ଟିସିଏସ୍ ଆଇଟି ୱିଜ୍- ସ୍ମାର୍ଟ ଟେକ୍ ୱିଜାର୍ଡ ଅହମ୍ମଦାବାଦ୍, ବାଙ୍ଗାଲୋର, ଭୁବନେଶ୍ୱର, ଚେନ୍ନାଇ, କୋଏମ୍ବାଟୁର, ଦିଲ୍ଲୀ, ହାଇଦ୍ରାବାଦ୍, ଇନ୍ଦୋର, କୋଚି, କୋଲକାତା, ଲକ୍ଷ୍ନୌ, ମୁମ୍ବାଇ, ନାଗପୁର ଓ ପୁନେ ଭଳି ସମଗ୍ର ଦେଶର ୧୪ଟି ସ୍ଥାନରେ ଅନୁଷ୍ଠିତ ହେଉଛି। ମେଗା ଫାଇନାଲରେ ସ୍ମାର୍ଟ ଟେକ୍ ୱିଜାର୍ଡ ଟାଇଟଲ୍ ପାଇଁ ୟୁଏଇ ସଂସ୍କରଣର ବିଜେତାମାନେ ମଧ୍ୟ ଅଂଶ ଗ୍ରହଣ କରିବେ ।